# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁଖ୍ରୀଷ୍ଟଙ୍କ ଜନ୍ମ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Alastair Paterson

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ବହୁତ ପୁର୍ବେ, ସଦାପ୍ରଭୁ ପରମେଶ୍ୱର
ଗାବ୍ରିଏଲ ଦୁତଙ୍କୁ ଏକ ସୁନ୍ଦରୀ,
ଅବିବାହିତା ଯୀହୁଦୀ ଯୁବତୀ
ମରିୟମଙ୍କ ନିକଟକୁ
ପଠାଇଲେ ।



ଦୂତ ତାହାଙ୍କୁ କହିଲେ, ତୁମ୍ଭେ
ଗର୍ଭଧାରଣ କରି ଏକ ପୁତ୍ର
ପ୍ରସବ କରିବ ଓ ତାଙ୍କର
ନାମ ଯୀଶୁ ଦେବ ।



ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ । ସେ ଯୁଗେ ଯୁଗେ ରାଜତ୍ୱ କରିବେ ।



କିନ୍ତୁ ମରିୟମ ଦୂତଙ୍କୁ ପଚାରିଲେ, ଏହା କି ହେବ? ମୁଁ ତ ପୁରୁଷଙ୍କୁ ଜାଣେନାହିଁ । ଦୂତ ମରିୟମଙ୍କୁ ଉତ୍ତର ଦେଲେ ସେହି ପୁତ୍ର ଈଶ୍ୱରଙ୍କଠାରୁ ଗ୍ରହଣ କରିବ ।



ସେଥିରେ କେହି ଜାଗତିକ
ମନୁଷ୍ୟ ତାହାର ପିତା
ହେବା ଆବଶ୍ୟକତା
ନାହିଁ ।



ଦୂତ ମରିୟମଙ୍କୁ କହିଲେ ପୁଣି
ଦେଖ, ତୁମ୍ଭର ଆତ୍ମିୟ
ଏଲିଜାବେଥ୍ ମଧ୍ୟ
ବୃଦ୍ଧାବସ୍ଥାରେ ପୁତ୍ର
ଧାରଣ କରିଛନ୍ତି ।



ଏହା ମଧ୍ୟ ଏକ ଆଲୌକିକ
ବିଷୟ ଥିଲା । ମରିୟମ
ଏଲିଜାବେଥ ନିକଟକୁ
ପ୍ରସ୍ଥାନ କଲେ । ପୁଣି
ସେମାନେ ଦୁହେଁ
ପ୍ରଭୁଙ୍କର ପ୍ରଶଂସା
କଲେ ।



ଯୋଶେଫ ନାମକ
ପୁରୁଷଙ୍କ ମରିୟମଙ୍କର
ବିବାହ ନିର୍ବନ୍ଧ
ହୋଇଥିଲା ।
ଯେତେବେଳେ
ଯୋଶେଫ
ଜାଣିଲେ ଯେ ମରିୟମ
ଗର୍ଭାବସ୍ଥାରେ ଅଟନ୍ତି,
ତହିଁରେ ସେ ଦୁଃଖିତ
ମନେ କଲେ ।



ଅନ୍ୟ ଏକ ପୁରୁଷ
ସେହି ସନ୍ତାନର ପିତା
ହୋଇପାରନ୍ତି
ବୋଲି ସେ
ମନେକଲେ ।



ପ୍ରଭୁଙ୍କର ଜଣେ ଦୁତ ଯୋଶେଫଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ । ସେହି ସନ୍ତାନ ଈଶ୍ୱରଙ୍କଠାରୁ ଆସିଅଛି । ଯୀଶୁଙ୍କର ସେବା କରିବା ନିମନ୍ତେ ମରିୟମଙ୍କୁ ସାହାଯ୍ୟ କରିବାକୁ ଦୁତ ଯୋଶେଫଙ୍କୁ କହିଲେ ।





ଯୋସେଫ ପ୍ରଭୁଙ୍କଠାରେ ନିର୍ଭର କରି, ପ୍ରଭୁଙ୍କ
ଆଜ୍ଞା ପାଳନ କଲେ ।
ଆଉ ସେ ମଧ୍ୟ ନିଜ
ଦେଶର
ନିୟମକୁ
ପାଳନ କଲେ ।

କାରଣ ଏକ ନୂତନ ନିୟମ ଶକାସୁ ସେମାନଙ୍କର
କର ଦେବା ନିମନ୍ତେ
ଯୋଶେଫ ଏବଂ
ମରିୟମ,



ଯୋଶେଫଙ୍କର
ନିଜ ନଗର ବେଥଲିହିମକୁ ଗମନ କଲେ ।


ସେହି ସମୟରେ
ମରିୟମଙ୍କର ପ୍ରସବ
କାଳ ଉପସ୍ଥିତ
ହେଲା ।


କିନ୍ତୁ ଯୋସେଫ
ରହିବା ନିମନ୍ତେ
କୌଣସି ଏକ
ବସାଘର
ପାଇଲେ ନାହିଁ ।


କାରଣ ପ୍ରତ୍ୟେକ ପାନ୍ଥଶାଳା ପରିପୂର୍ଣ୍ଣ ଥିଲା ।

ସର୍ବଶେଷରେ ଯୋଶେଫ ରହିବାକୁ ଯୋଗ୍ୟ
ଏକ ଘର ଖୋଜି ପାରିଲେ ।
ସେଥିର ଶିଶୁ ଯୀଶୁଖ୍ରୀଷ୍ଟ
ଜନ୍ମ ଗ୍ରହଣ
କଲେ ।




ପୁଣି ତାଙ୍କର ମାତା ମରିୟମ ଯୀଶୁଙ୍କୁ ଏକ ଗୁହାଳ
କୁଣ୍ଡରେ ଶୁଆଇଲେ, ଯେଉଁଥ୍ରିର
ପଶୁମାନଙ୍କୁ ଖାଦ୍ୟ
ଦିଆଯାଉଥିଲା ।

ସେହି ଅଞ୍ଚଳରେ କେତେକ ମେଷପାଳକ ପଦାରେ ରହି ରାତ୍ରିରେ ସେମାନଙ୍କ ପଲ ଜଗୁଥିଲେ ।




ପ୍ରଭୁଙ୍କର ଜଣେ ଦୂତ ସେମାନଙ୍କ ନିକଟରେ
ଉପସ୍ଥିତ ହେଲେ, ଏବଂ ଅତ୍ୟନ୍ତ
ଆନନ୍ଦ ଜନକ
ସୁସମାଚାର
ଜଣାଇଲେ ।


ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ
ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଛନ୍ତି ।
ସେ ଖ୍ରୀଷ୍ଟ ପ୍ରଭୁ
ତୁମ୍ଭେମାନେ
ଜଣେ
ଶିଶୁଙ୍କୁ
ଲୁଗାରେ
ଗୁଡ଼ାହୋଇ ଗୁହାଳ
କୁଣ୍ଡରେ
ଶୋଇଥିବା ଦେଖିବ ।


ପୁଣି ଅକସ୍ମାତ ସେହି ଦୂତଙ୍କ ସାଙ୍ଗରେ ସ୍ୱର୍ଗୀୟ
ବାହିନୀର ଗୋଟିଏ ବୃହତ୍ ଦଳ
ଉପସ୍ଥିତ ହୋଇ
ଇଶ୍ୱରଙ୍କ
ସ୍ତବଗାନ
କରୁ କରୁ
କହିଲେ।


ଉର୍ଦ୍ଧ ଲୋକରେ ଇଶ୍ୱରଙ୍କ ମହିମା, ପୁଣି
ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର
ମନୁଷ୍ୟ ମାନଙ୍କ
ମଧ୍ୟରେ
ଶାନ୍ତି ।



ମେଷ ପଳକ ମାନେ ଶିଘ୍ର ସେହି
ଗୃହକୁ ପ୍ରସ୍ଥାନ କଲେ ।

ଶିଶୁଙ୍କୁ ଅନ୍ୱେଷଣ କରି, ସେମାନେ ସେହି
ଶିଶୁଙ୍କ ସମ୍ବନ୍ଧରେ ଦୂତ ସେମାନଙ୍କୁ ଯେଉଁ
କଥା କହିଥିଲେ ତାହା ପ୍ରକାଶ କଲେ ।





ଚାଳିଶ ଦିନ ପରେ ଯୋଶେଫ
ଏବଂ ମରିୟମ ଯୀଶୁଖ୍ରୀଷ୍ଟଙ୍କୁ
ଯିରୁଶାଲମ ମନ୍ଦିରକୁ
ଘେନିଗଲେ । ଦେଖ
ସେଠାରେ ଶିମିୟନ
ନାମକ ଜଣେ
ବ୍ୟକ୍ତି
ଶିଶୁଙ୍କ
ନିମନ୍ତେ
ପ୍ରଭୁଙ୍କର
ପ୍ରଶଂସା ...





... କଲେ, ପୁଣି ଅନ୍ୟ ଏକ
ଇଶ୍ୱରଙ୍କଦାସ ଆନା ପ୍ରଭୁଙ୍କୁ
ଧନ୍ୟବାଦ ଦେଲେ ।
ଉଭୟେ ଜାଣିଥିଲେ
ଯେ ଯୀଶୁଖ୍ରୀଷ୍ଟ
ଇଶ୍ୱରଙ୍କ
ପୁତ୍ର ଓ
ପରିତ୍ରା-
ଣକର୍ତ୍ତା ।
ଯୋଶେଫ
ଦୁଇଟି ...



କାଣ୍ଡାଛୁଆ ବଳିଦାନ କଲେ । ଈଶ୍ୱରଙ୍କ ଉଲ୍ଲେଖିତ ବ୍ୟବସ୍ଥା ଅନୁସାରେ ସେମାନଙ୍କର ପ୍ରଥମ ଜାତ ଶିଶୁଙ୍କୁ ସମର୍ପଣ କରିବା ଗରିବ ଲୋକମାନଙ୍କ ନିମନ୍ତେ ଏହା କରିବା ଆବଶ୍ୟକ ଥିଲା ।


କିଛି ସମୟ ପରେ,
ଏକ ପୂର୍ବ ଦେଶରୁ
ଯିରୁଶାଲମକୁ
ଗୋଟିଏ
ସ୍ୱତନ୍ତ୍ର ତାରା ପଣ୍ଡିତ ମାନଙ୍କୁ
ପରିଚାଳନା କଲା ।



ସେମାନେ
ପଢ଼ାରିଲେ,
ଯୀହୁଦି ମାନଙ୍କର
ରାଜା

କେଉଁଠାରେ ଜନ୍ମଗ୍ରହଣ
କରିଛନ୍ତି କାରଣ ଆମ୍ଭେ
ତାହାଙ୍କୁ ଭୁମିଷ୍ଠ ପ୍ରଣାମ
କରିବାକୁ ଢ଼ାହୁଁଛୁ ।

ପୁଣି ହେରୋଦ ରାଜା
ପଣ୍ଡିତମାନଙ୍କ ଠାରୁ
ଶୁଣି ଭୟକଲେ, ...



... ସେ ପଣ୍ଡିତମାନଙ୍କୁ
ତୁମ୍ଭେମାନେ ଯାଇ
ସେହି ଶିଶୁଙ୍କୁ ପାଇଲା
କ୍ଷଣି ଆମ୍ଭକୁ ସମ୍ବାଦ
ଦିଅ ଯେପରି ଆମ୍ଭେ
ମଧ୍ୟ ଯାଇ ତାହାଙ୍କୁ
ପ୍ରଣାମ କରିବା ।



ମାତ୍ର ଯୀଶୁଙ୍କୁ ବଧ
କରିବାକୁ ହେରୋଦ
ଗୁପ୍ତରେ ସଂକଳ୍ପ
କଲେ ।




ଯେଉଁ ଗୃହରେ ଯୋଶେଫ
ଓ ମରିୟମ ଏବଂ ପୁତ୍ର
ଶିଶୁ ଯୀଶୁ ବାସ କରୁଥିଲେ,
ତାରା ପଣ୍ଡିତମାନଙ୍କୁ ସଠିକ
ସେହି ଗୃହକୁ
ଘେନିଗଲା ।

ସେମାନେ ତାହାଙ୍କୁ
ଭୂମିଷ୍ଠ ପ୍ରଣାମ କଲେ ଓ
ବହୁମୂଲ୍ୟ ଉପହାର ସୁନା,
କୁନ୍ଦୁରୁ ଏବଂ ଗନ୍ଧରସ
ପ୍ରଦାନ କଲେ ।




ସଦାପ୍ରଭୁ ପଣ୍ଡିତ ମାନଙ୍କୁ
ହେରୋଦଙ୍କ ନିକଟକୁ
ବାହୁଡ଼ି ନ ଯାଇ ଅଲଗା
ରାସ୍ତାରେ ନିଜ ଦେଶକୁ
ଫେରିଯିବାକୁ ଚେତାବନି
ଦେଲେ ।

ହେରୋଦ ରାଜା କ୍ରୋଧାନ୍ଧ ହେଲେ । କାରଣ ଯୀଶୁଙ୍କୁ ବଧ କରିବାର ମନରେ ସଙ୍କଳ୍ପ କରିଥିଲେ ।



ସେ ବେଥଲିହିମରେ ଥିବା ପ୍ରତ୍ୟେକ ଶିଶୁଙ୍କୁ ବଧ କଲେ ।





ହେରୋଦ ଈଶ୍ୱରଙ୍କ
ପୁତ୍ରଙ୍କୁ ବଧ କରି
ପାରିଲେ ନାହିଁ । କାରଣ
ସ୍ୱପ୍ନରେ ପ୍ରତ୍ୟାଦେଶ
ଯାଇ ଯୋଶେଫ
ମରିୟମ ଓ ଯୀଶୁଙ୍କୁ
ନିରାପତ୍ତା

ମିଶର ଦେଶକୁ
ନେଇଗଲେ ।



ହେରୋଦଙ୍କ
ମୃତ୍ୟୁ ଯୋଶେଫ, ମରିୟମ ଓ
ଯୀଶୁଙ୍କୁ ମିଶର ଦେଶରୁ ଫେରାଇ ଆଣିଲେ ।


ଏବଂ ସେମାନେ
ଗାଲିଲୀ ଅଞ୍ଚଳର ନାଜରିତ
ନାମକ ନଗରରେ ବାସ କଲେ ।

# ଯୀଶୁଖ୍ରୀଷ୍ଟଙ୍କ ଜନ୍ମ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୧-୨, ଲୂକ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬